# ବାଛିଲେ ୩୮, ନ ବାଛିଲେ ୩୪

## ଢେଙ୍କାନାଳରେ ଆଳୁ ଦର

ଢେଙ୍କାନାଳ,୨୮।୭(ରତନ ନାୟାର)



ଢେଙ୍କାନାଳରେ ଆଳୁର ଦରକୁ ନେଇ ସ୍ଥିତି ସୁଧୁରୁ ନ ଥିବା ବେଳେ ଯୋଗାଣ ବିଭାଗ ଅଧିକାରୀମାନେ ରବିବାର ଛୁଟିରେ ରହିବା ଏବଂ ଫୋନ ନ ଉଠାଇବା ଆଲୋଚନାର ବିଷୟ ହୋଇଛି। ରବିବାର ମଧ୍ୟାହ୍ନରେ ଢେଙ୍କାନାଳ ସହର ରଥଗଡ଼ା ମାର୍କେଟରେ ବ୍ୟବସାୟୀମାନେ ଆଳୁ କେଜିପ୍ରତି ୩୮ଟଙ୍କାରେ ଓ ପିଆଜ କେଜି ୪୦ ଟଙ୍କାରେ ବିକ୍ରି କରୁଥିବା ଦେଖାଯାଇଥିଲା। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ଅଧିକାରୀ ବସନ୍ତ ପଣ୍ଡାଙ୍କୁ ତାଙ୍କ ମୋବାଇଲ ନମ୍ବର-୯୪୩୭୦୧୫୨୩୧ରେ ବାରମ୍ବାର ଯୋଗାଯୋଗ କରାଯିବା ସତ୍ତ୍ୱେ କୌଣସି ଉତ୍ତର ମିଳି ନ ଥିଲା। ସେହିପରି ସଦର ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଶାରଦା ଦେହୁରୀ ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ରହିଥିବାରୁ ଏ ସଂକ୍ରାନ୍ତରେ ପୌରସଂସ୍ଥା ଯୋଗାଣ ଅଧିକାରୀ କହିପାରିବେ ବୋଲି ସେ କହିଥିଲେ। ପୌରସଂସ୍ଥା ଯୋଗାଣ ଅଧିକାରୀ ନିର୍ମଳ ମହାପାତ୍ର କହିଛନ୍ତି, ଭୁବନେଶ୍ୱରରୁ ରବିବାର ନିଜେ ଆଳୁ ୪୫ ଟଙ୍କା କେଜିରେ କିଣିଛି। ଢେଙ୍କାନାଳରେ ଆଳୁ ୩୪ ଟଙ୍କା ଥିଲା। ଢେଙ୍କାନାଳରେ ବ୍ୟବସାୟୀମାନେ ବାଛିଲେ ଆଳୁ କେଜି ୩୮ ଟଙ୍କା ନେଉଥିବା ବେଳେ ନ ବାଛିଲେ ୩୪ ଟଙ୍କା ନେଉଛନ୍ତି। ଏ ସଂକ୍ରାନ୍ତରେ ପ୍ରତିଦିନ ସରକାରଙ୍କୁ ରିପୋର୍ଟ ଦିଆଯାଉଛି ବୋଲି ସେ କହିଥିଲେ। ଆଳୁ ଭଳି ଏକ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବକୁ ନେଇ ଖାଉଟି ହନ୍ତସନ୍ତ ହେଉଥିବା ବେଳେ ଢେଙ୍କାନାଳରେ ଯୋଗାଣ ବିଭାଗ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ନ ଦେବା ଏବଂ ଏହି ସମୟରେ ସହରରେ ଉପସ୍ଥିତ ନ ରହିବା ଖାଉଟିମାନଙ୍କ ମଧ୍ୟରେ ଅସନ୍ତୋଷକୁ ବଢାଇଛି।

# ଘରେ ପଶି ମାର୍‌ପିଟ, ଥାନାରେ ମାମଲା

ବଅଁରପାଳ,୨୮।୭ (ସୁବାସ ସାହୁ)

ଘରେ ପଶି ଜଣେ ମହିଳାଙ୍କୁ ମାରପିଟ ସହ ଛୋଟ ଝିଅକୁ ଅପହରଣ ଉଦ୍ୟମ କରିବା ନେଇ ନାଲ୍‌କୋ ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଗିରାଙ୍ଗ ଗ୍ରାମ ନୂଆସାହିର ବିଧୂଲତା ଗଡ଼ନାୟକ ପଡ଼ୋଶୀ ବିନତୀ ବେହେରାଙ୍କ ଘରେ ଥିବା ସମୟରେ ସେଠାକୁ ସ୍ୱର୍ଣ୍ଣପ୍ରଭା ଦେବତା ନାମ୍ନୀ ମହିଳା ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ସ୍ୱର୍ଣ୍ଣପ୍ରଭା ବିଧୁଲତାଙ୍କୁ ମାର୍‌ପିଟ କରିବା ସହ ତାଙ୍କ ଛୋଟ ଝିଅକୁ ଅପହରଣ କରିବାକୁ ଚେଷ୍ଟା କରିଥିଲେ। ବିନତି ଛଡ଼ାଇବାକୁ ଚେଷ୍ଟା କରିବାରୁ ତାଙ୍କୁ ମଧ୍ୟ ମାର୍‌ପିଟ କରିଥିଲେ। ତେବେ ଥାନାକୁ ଫୋନ କରାଯିବା ପରେ ସ୍ୱର୍ଣ୍ଣପ୍ରଭାଙ୍କୁ କାବୁ କରାଯାଇଥିଲା। ଅପରପକ୍ଷରେ ସ୍ୱର୍ଣ୍ଣପ୍ରଭା ଏକ ପାଲଟା ଅଭିଯୋଗ କରିଛନ୍ତି। ବିଧୁଲତା ଓ ବିନତୀ ତାଙ୍କୁ ଘରେ ବନ୍ଦ କରି ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଉଭୟ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ କରୁଛି।

# ମନ୍ କୀ ବାତ୍ ଶୁଣିଲେ ମନ୍ତ୍ରୀ, କାର୍ଯ୍ୟକର୍ତ୍ତା



ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣୁଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଭାଜପା ନେତାମାନେ।

ଢେଙ୍କାନାଳ,୨୮।୭(ରତନ ନାୟାର)

ପ୍ରଧାନମନ୍ତ୍ରୀଙ୍କ ୧୧୨ତମ ମନ୍ କୀ ବାତ୍ ଶୁଣିବା ପାଇଁ ଭାଜପା ତରଫରୁ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟରେ ଆୟୋଜନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କ ସହ ଉପସ୍ଥିତ ରହି ମନ୍ କୀ ବାତ୍ ଆଭାସି ମାଧ୍ୟମରେ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲା ମିଡିଆସେଲ୍ ପ୍ରଭାରୀ ନବ କିଶୋର ଗୁରୁ, ରାଜ୍ୟ କୃଷକ ମୋର୍ଚ୍ଚା ପୂର୍ବତନ ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ଭାରତୀ ସ୍ୱାଇଁ, ଶିବପ୍ରସାଦ ସାହୁ, ଜିଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ, ଜିଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, କାଉନ୍‌ସିଲର ନିରୋଦ କୁମାର ସାହୁ, ସୂର୍ଯ୍ୟପ୍ରତାପ ରାଉତ, ବରିଷ୍ଠ ନେତା ଦୀପକ ପ୍ରସାଦ ପଟ୍ଟନାୟକ, ପଦ୍ମ ଭୂଷଣ ସାହୁ, ନଗରମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, ଉପସଭାପତି ବିକାଶ ସାହୁ, ଅରବିନ୍ଦ ପାଣ୍ଡେ, ଦେବାଶିଷ ସ୍ୱାଇଁ, ରାଜେନ୍ଦ୍ର ବେହେରା, ସୁଚିତ୍ର ବେହେରା, ରୁଦ୍ର ନାରାୟଣ ତ୍ରିପାଠୀ, ସନ୍ତୋଷ ରାଉତ, ବିଘ୍ନେଶ୍ୱର ଦୋରା, ପ୍ରଫୁଲ୍ଲ ପଟ୍ଟନାୟକ, ପ୍ରଦୀପ ମଲ୍ଲିକ, ଉଲି ନାୟକ, ସୋନାଲି ସାହୁ, ବଳରାମ ସେଠୀ, ବିଭୂତି ଷେଣ୍ଢଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କ୍ରୀଡ଼ା ଘୋଷକ ଅମିୟ ଚାନ୍ଦଙ୍କୁ ଡକ୍ଟରେଟ୍ ସମ୍ମାନ

ଢେଙ୍କାନାଳ,୨୮।୭ (ରତନ ନାୟାର)



କ୍ରୀଡ଼ା ଘୋଷକ ଅମିୟ ଚାନ୍ଦଙ୍କୁ ଡକ୍ଟରେଟ୍ ସମ୍ମାନ ପ୍ରଦାନ କରାଯାଉଛି।

ଓଡ଼ିଶାର ଖ୍ୟାତି ସମ୍ପନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ଘୋଷକ ଢେଙ୍କାନାଳର ଅମିୟ କୁମାର ଚାନ୍ଦଙ୍କୁ କ୍ରୀଡ଼ା ଓ ସମାଜ ସେବା ପାଇଁ ଅନରାରି ଡକ୍ଟରେଟ୍ ଆୱାର୍ଡ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର କନଷ୍ଟିଚ୍ୟୁଶନ କ୍ଲବ୍ ଅଫ୍ ଇଣ୍ଡିଆଠାରେ ଆଇକନିକ୍ ପିସ୍ ଆୱାର୍ଡ କାଉନ୍‌ସିଲ୍ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଗୋଆ ରାଜ୍ୟର ଶିଶୁ କଲ୍ୟାଣ ବିଭାଗ ବିଚାରପତି ଡ. ସାୟୋନାରା ଟେଲାସ୍ ଲାଡ୍ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଏହି ସମ୍ମାନ ପ୍ରଦାନ କରିଥିଲେ। କ୍ରୀଡ଼ା ଘୋଷକ ଅମିୟ ରାଜ୍ୟ ତଥା ଦେଶର ପ୍ରଥମ କ୍ରୀଡ଼ା ଘୋଷକ ଭାବେ ଏହି ଡକ୍ଟରେଟ୍ ସମ୍ମାନ ପାଇ ରାଜ୍ୟ ପାଇଁ ଗୌରବ ଆଣିବା ସହିତ ସମଗ୍ର ଦେଶରେ ଏକ ପରିଚୟ ସୃଷ୍ଟି କରିଛନ୍ତି। ଏହି ସମ୍ମାନ ପାଇଥିବାରୁ ରାଜ୍ୟ ତଥା ଦେଶର ବିଭିନ୍ନ ମହଲରୁ ଚାନ୍ଦଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଛି।

# ହାତୀଙ୍କ ଚରାଭୂଇଁ ପାଲଟିଛି ହଳଦିଆବାହାଳ

## ରାଜପଥ କଡ଼ ଛାଡ଼ି ଯାଉନାହାନ୍ତି ହାତୀ

ଢେଙ୍କାନାଳ,୨୮।୭(ରତନ ନାୟାର)



୫୫ନଂ ଜାତୀୟ ରାଜପଥ ପାର୍ଶ୍ୱ ହଳଦିଆବାହାଳ ଅଞ୍ଚଳରେ ହାତୀପଲ।

ଢେଙ୍କାନାଳ ଜିଲା ସଦର ରେଞ୍ଜ୍ ମୋଟଙ୍ଗା ଥାନା ୫୫ନଂ ଜାତୀୟ ରାଜପଥ ନିକଟରେ ଥିବା ହଳଦିଆବାହାଳ ଅଞ୍ଚଳ ହାତୀଙ୍କ ଚରାଭୂଇଁ ପାଲଟିଛି। ଗତ ୨୩ ଦିନ ହେବ ହାତୀପଲ ହଳଦିଆବାହାଳର ୫୫ନଂ ଜାତୀୟ ରାଜପଥ କଡ଼ରେ ଥିବା ଜଙ୍ଗଲ ଛାଡି ଯାଉ ନ ଥିବା ଦେଖାଯାଇଛି। ରବିବାର ଅପରାହ୍ନ ୬ଟା ସମୟରେ ପ୍ରାୟ ୧୮ ହାତୀ ୫୫ନଂ. ଜାତୀୟ ରାଜପଥ ପାର୍ ହେବା ପାଇଁ ଚେଷ୍ଟା କରୁଥିବା ବେଳେ ବନବିଭାଗ କର୍ମଚାରୀମାନେ ଅଟକାଉଥିବା ଦେଖାଯାଇଥିଲା। ବନ କର୍ମଚାରୀମାନେ ସାଇରନ ବଜାଇ ହାତୀପଲଙ୍କୁ ଘଉଡାଇବା ପାଇଁ ଉଦ୍ୟମ କରୁଥିବା ଦେଖାଯାଇଥିଲା। ହାତୀ ପଲଙ୍କୁ ରାଜପଥ କଡ଼ରେ ଦେଖି ଯାନବାହାନ ମଧ୍ୟ ଅଟକି ଯାଇଥିଲା। ବହୁ ସଂଖ୍ୟାରେ ଲୋକେ ହାତୀ ପଲଙ୍କୁ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ରାଜପଥ କଡ଼ରେ ଥିବା ଏକ ଦୋକାନ ଭାଙ୍ଗିବା ପାଇଁ ଦଳରେ ଥିବା ଏକ ଦନ୍ତାହାତୀ ଉଦ୍ୟମ କରୁଥିବା ବେଳେ ବନବିଭାଗ କର୍ମଚାରୀମାନେ ସାଇରନ ବଜାଇ ଓ ଲାଇଟ୍ ପକାଇ ଘଉଡାଇଥିଲେ। ରାଜପଥ କଡ଼ରେ ହାତୀ ରହୁଥିବାରୁ ରାସ୍ତାରେ ସନ୍ଧ୍ୟାପରେ ଦୁଇଚକିଆ ଆରୋହୀମାନେ ଯିବାଆସିବା କରିବା ପାଇଁ ଅସୁରକ୍ଷିତ ମଣୁଛନ୍ତି। ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ସଦସ୍ୟମାନେ ରାତିରେ ରାଜପଥରେ ଗାଡ଼ି ଅଟକାଇବା ପରେ ହାତୀପଲ ରାଜପଥ ପାର ହୋଇ ଜଙ୍ଗଲକୁ ଚାଲିଯାଇଥିଲେ।

# ଜଳଲାଗି ପାଇଁ କପିଳାସ ଅଭିମୁଖେ ଶ୍ରଦ୍ଧାଳୁ

ଢେଙ୍କାନାଳ,୨୮।୭(ରତନ ନାୟାର)

## ଶ୍ରାବଣର ଦ୍ୱିତୀୟ ସୋମବାର

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ରାଜ୍ୟ ତଥା ଢେଙ୍କାନାଳ ଜିଲା ପ୍ରସିଦ୍ଧ ଶୈବପୀଠ କପିଳାସରେ ଜଳଲାଗି କରିବା ପାଇଁ ରବିବାର ଅପରାହ୍ନରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ କପିଳାସ ଅଭିମୁଖେ ଯାଉଥିବା ଦେଖାଯାଇଛି। କାଉଡିଆ ଶ୍ରଦ୍ଧାଳୁମାନେ ଜୟଶ୍ରୀ ଚନ୍ଦ୍ରଶେଖର ଜୀଉ ଧ୍ୱନିରେ କପିଳାସ ଅଭିମୁଖେ ଯାତ୍ରା କରୁଛନ୍ତି। ବର୍ଷା ସତ୍ତ୍ୱେ ଢେଙ୍କାନାଳ-କପିଳାସ ରାସ୍ତାରେ କାଉଡିଆ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ଦେଖାଯାଇଛି। ବାଟରେ ଯାଜପୁର ଜିଲା ସୁକିନ୍ଦାରୁ ଗୋବିନ୍ଦ ସେବାଦଳ କାଉଡ଼ିଆ ଶ୍ରଦ୍ଧାଳୁମାନଙ୍କ ପାଇଁ ଚା, ପକୁଡ଼ି, ଉପମା, ଅନ୍ନ, ଡାଲମା ସହ ଔଷଧ ଯୋଗାଇ ଦେଉଥିବା ଦେଖାଯାଇଛି। ଅନୁଷ୍ଠାନ ପକ୍ଷରୁ ରାଜକିଶୋର ପାତ୍ର, ଗୋବିନ୍ଦଚନ୍ଦ୍ର ଦାସ, ପ୍ରାଣବନ୍ଧୁ ମହନ୍ତ ଓ ନିରଞ୍ଜନ ଧୀର ପ୍ରମୁଖ ଏହି ସେବା କାର୍ଯ୍ୟ କରୁଥିବା ଦେଖାଯାଇଛି।



# ଦ୍ୱିତୀୟ ଦିବସରେ ୧୦ ଖେଳାଳି ଆଗରେ



ଦ୍ୱିତୀୟ ଦିବସର ଚେସ୍ ଖେଳ।

## ୬୪ତମ ଓଡ଼ିଶା ରାଜ୍ୟ ସିନିୟର ଫିଡେରେଟିଂ ଚେସ୍

ଢେଙ୍କାନାଳ,୨୮।୭(ରତନ ନାୟାର)- ଢେଙ୍କାନାଳ ସହରସ୍ଥିତ ହୋଟେଲ ନିରୁପମାଠାରେ ଚାଲିଥିବା ୬୪ତମ ଓଡ଼ିଶା ରାଜ୍ୟ ବରିଷ୍ଠ ଫିଡେରେଟିଂ ଓପନ ଚେସ୍ ପ୍ରତିଯୋଗିତାର ରବିବାର ଦ୍ୱିତୀୟ ଦିବସରେ ଦ୍ୱିତୀୟ ରାଉଣ୍ଡ ସୁଦ୍ଧା ୧୦ ଖେଳାଳି ଆଗରେ ରହିଛନ୍ତି। ଆଗରେ ରହିଥିବା ଏହି ୧୦ ଖେଳାଳି ହେଲେ ଲଳିତ ରଞ୍ଜନ ସାହୁ, କୌସ୍ତୁଭ ଦାସ, ଯୌସ୍ତବ ତାଲୁକଦାର, ବାଡମୁଣ୍ଡି ତପନ, ଶ୍ରୀହାନ ସାବତ୍, ଅଂଶୁମାନ ସାମଲ, ସ୍ମାରକୀ ମହାନ୍ତି, ସ୍ୱସ୍ତିକ ଶୁଭମ ପଟ୍ଟନାୟକ, ପ୍ରତ୍ୟାଶା ଜେନା ଓ ଖିଲୋ ପୂର୍ଣ୍ଣୋ। ଅନ୍ତର୍ଜାତୀୟ ଆର୍ବିଟର ଉବେଶ ମହାନ୍ତି ଓ ସନ୍ତୋଷ ମହାପାତ୍ର ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ଏହି ପ୍ରତିଯୋଗିତାରେ ୯ ରାଉଣ୍ଡ ଖେଳ ହେଉଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୨୦ ଜିଲାରୁ ୧୨୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଶ୍ରେଷ୍ଠ ୪ ପ୍ରତିଯୋଗୀ ଅଗଷ୍ଟ ମାସରେ ହରିଆଣାଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ନିଷ୍କାସନ ହୋଇ ନ ପାରି ଘରେ ପଶୁଛି ପାଣି

## ରାଜପଥରେ ପାଉଁଶ ଗଦା

ଓଡ଼ାପଡ଼ା,୨୮।୭ (ରଞ୍ଜିତ ନାୟକ)



ବର୍ଷା ପାଣି ଏକ ଘରେ ପଶିଯାଇଛି।



ଘର ନିକଟରେ ଜମି ରହିଛି।

କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ସମ୍ପ୍ରସାରଣରେ ଅହେତୁକ ବିଳମ୍ବ ଓ ରାଜପଥ ନିର୍ମାଣରେ ବ୍ୟବହୃତ ପାଉଁଶ ଗଦା କରି ରଖାଯାଇଥିବାରୁ ବର୍ଷାପାଣି ନିଷ୍କାସନ ହୋଇପାରୁ ନାହିଁ। ଏପରି କି ରାଜପଥ ପାର୍ଶ୍ୱରେ ଥିବା ଲୋକଙ୍କ ଘରେ ବର୍ଷା ପାଣି ପଶିଯାଉଛି। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ପୋଡ଼ାପଡ଼ା ଗ୍ରାମରେ ଏପରି ସମସ୍ୟା ସୃଷ୍ଟି ହୋଇଛି। ଏ ନେଇ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଜନ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ରାଜପଥରେ ପାଣି ନିଷ୍କାସନ ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ବେଳେ ପୋଡ଼ାପଡ଼ାଠାରେ ନିର୍ମାଣାଧୀନ ହାତୀ ଚଲାପଥ ସୁଡ଼ଙ୍ଗ କାର୍ଯ୍ୟରେ ମାଟି ବଦଳରେ ବିଭିନ୍ନ କଳ କାରଖାନାରୁ ବାହାରୁଥିବା ପାଉଁଶକୁ ବ୍ୟବହାର କରାଯାଉଛି। ସେହି ପାଉଁଶ ଏଣେତେଣେ ଗଦା କରି ରଖାଯିବା ଫଳରେ ଉପରପଟରୁ ବର୍ଷା ପାଣି ତଳପଟକୁ ଯାଇ ନ ପାରି ଉପରପଟରେ ଜମି ରହି ସମସ୍ୟା ସୃଷ୍ଟି କରୁଥିବା ବେଳେ ରାସ୍ତା କଡରେ ବସବାସ କରୁଥିବା କିଛି ଲୋକଙ୍କ ଘରେ ପଶି ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ପୋଡ଼ାପଡ଼ା ଗ୍ରାମର ଯୁଗଳ ମହାପ୍ରଭୁ, ବାନାମ୍ବର ଧୀର, କାଳିଆ ବିଶ୍ୱାଳ, ସୁଧାକର ମହାପାତ୍ର, ଶଙ୍କର ସାସମଲ, ଶରତ ବିଶ୍ୱାଳଙ୍କ ସହିତ ଅନେକ ଗରିବ ଲୋକ ପାଣି ଘେରରେ ରହିଥିବା ଦେଖିବାକୁ ମିଳିଛି। ତୁରନ୍ତ ପାଣି ନିଷ୍କାସନ କରିବା ସହିତ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟଥା ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଇସ୍କନ ପକ୍ଷରୁ ହରେକୃଷ୍ଣ ମହୋତ୍ସବ

ଢେଙ୍କାନାଳ,୨୮।୭(ରତନ ନାୟାର)

ଢେଙ୍କାନାଳ ଇସ୍କନର ୩ୟ ପ୍ରତିଷ୍ଠା ଉତ୍ସବ ଓ ହରେକୃଷ୍ଣ ମହୋତ୍ସବ ରବିବାର ସନ୍ଧ୍ୟାରେ ଗୋପବନ୍ଧୁ ଟାଉନହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କୀର୍ତ୍ତନ ହେବାପରେ ଇସ୍କନ ଢେଙ୍କାନାଳର ଅଧ୍ୟକ୍ଷ ପ୍ରେମ କିଶୋର ଦାସ, ଇସ୍କନର ପ୍ରତିଷ୍ଠା, ଇତିହାସ ଏବଂ ଭକ୍ତି ଓ ଏହା କିଭଳି ଆଚରଣ କରିହେବ ସେ ସମ୍ପର୍କରେ ପ୍ରବଚନ ଦେଇଥିଲେ। ପରେ ପୂର୍ବତନ ବରିଷ୍ଠ ପ୍ରଶାସକ ବିଶ୍ୱନାଥ ବେହେରା ଓ ବୁଦ୍ଧିଜୀବୀ ସୁକାନ୍ତ କୁମାର ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଭକ୍ତମାନେ ନିଜର ଅନୁଭୂତି ପ୍ରଦାନ କରିଥିଲେ। ପରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ, ମ୍ୟୁଜିକ ଚେୟାର, ନୃତ୍ୟ କୀର୍ତ୍ତନ ଆୟୋଜିତ ହୋଇଥିଲା। ଶେଷରେ ପ୍ରସାଦ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ। ପ୍ରତ୍ୟେକ ମାସର ଶେଷ ରବିବାର ସନ୍ଧ୍ୟାରେ ଏହି ହରେକୃଷ୍ଣ ମହୋତ୍ସବ ଆୟୋଜିତ ହେଉଛି ବୋଲି ସୂଚନା ଦିଆଯାଇଥିଲା।



# ହିନ୍ଦୋଳରେ ଭାଜପାର ସମୀକ୍ଷା ବୈଠକ

ରାସୋଳ,୨୮।୭(ସରୋଜ ମିଶ୍ର )

ହିନ୍ଦୋଳ ନିର୍ବାଚନମଣ୍ଡଳୀ ରାସୋଳ ଜୋନ୍ ମା' ସୁକିଆବାଉଡୀସ୍ଥିତ କଲ୍ୟାଣମଣ୍ଡପରେ ରବିବାର ଭାଜପା ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଆଡଭୋକେଟ ନରେଶ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥିଭାବେ ବିଧାୟିକା ସୀମାରାଣୀ ନାୟକ, ପର୍ଯ୍ୟବେକ୍ଷକ ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ଏବଂ ସହ ପର୍ଯ୍ୟବେକ୍ଷିକା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିଭା ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ଭାଜପା ଉପସଭାନେତ୍ରୀ ଇତିଶ୍ରୀ ସାହୁ, ବିଧାନସଭା ପ୍ରଭାରୀ ସୁନୀଲ ଶର୍ମା, ସହ ସଂଯୋଜକ ସହଦେବ ପୃଷ୍ଟି, ବ୍ଲକ ଉପାଧ୍ୟକ୍ଷ ବରୁଣ ସର ପ୍ରମୁଖ ମଞ୍ଚାସୀନ ଥିଲେ। ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ସମୟରେ ଜିଲା ସମ୍ପାଦକ ସୁଶାନ୍ତ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନାକୁ ସଫଳତାର ସହ ଲୋକଙ୍କ ନିକଟରେ ପହଞ୍ଚାଇବା ସହିତ ସରକାର ଓ ସଙ୍ଗଠନ ମଧ୍ୟରେ ଥିବା ସେତୁକୁ ମଜଭୁତ କରିବାକୁ ମୁଖ୍ୟ ଅତିଥି ପାଣି ପରାମର୍ଶ ଦେଇଥିଲେ। ବୈଠକରେ ସମସ୍ତ ୮ଟି ମଣ୍ଡଳର ସଭାପତି, ଭାଜପା ନେତା ଅଜୟ ଦାଶ, ସୋମନାଥ ସେଠୀ, ଆନନ୍ଦ ବେହେରା, ସଞ୍ଜୟ ନାଏକ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଭାସ୍କର ଚନ୍ଦ୍ର ନାୟକ, ଗୋବିନ୍ଦ ବେହେରା, ନିରାକାର ପ୍ରଧାନ, ସୁନିତା ନାଥ, ନର୍ମଦା ସେଠୀ, ସୁଜିତ ବାରିକ, ଦୁଷ୍ମନ୍ତ ବେହେରା, ମନୋରଞ୍ଜନ ନାଏକ, ଦିବାକର ନାଏକ, ଗିରିଶ ସେଠୀ, ପ୍ରଭାସ ବେହେରା, ଦୁଷ୍ମନ୍ତ ନାଏକ, ନିରଞ୍ଜନ ସାମଲ, ରବିନ ବାରିକ, ସନ୍ତୋଷ ସାହୁ, ମଳୟ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ବସି ପ୍ରଧାନମନ୍ତ୍ରୀଙ୍କ ୧୧୨ ତମ ମନ କୀ ବାତ ଶୁଣିଥିଲେ।





# ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

ଢେଙ୍କାନାଳ,୨୮।୭(ରତନ ନାୟାର)



ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତାର ଉଦ୍‌ଘାଟନ ଅବସରରେ ଅତିଥି ଓ ଖେଳାଳି।

ଢେଙ୍କାନାଳ ଜିଲା ବିଦ୍ୟାଳୟ ସ୍ତରରେ ଫୁଟ୍‌ବଲ୍ ଖେଳର ଆଦୃତି ଓ ପ୍ରସାର ପାଇଁ ଟାଉନ କ୍ଲବ ଢେଙ୍କାନାଳ ଓ ଜିଲା କ୍ରୀଡ଼ା ସଂଘର ମିଳିତ ପ୍ରୟାସରେ ରବିବାର ଢେଙ୍କାନାଳ ଷ୍ଟାଡିୟମ ଠାରେ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଟାଉନ୍ କ୍ଲବ ସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ ଏବଂ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସଙ୍କ ଉପସ୍ଥିତିରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। କ୍ରମାଗତ ଭାବରେ ଫୁଟ୍‌ବଲ୍ ଖେଳର ପ୍ରୋତ୍ସାହନ ହ୍ରାସ ପାଉଥିବାବେଳେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସକ୍ରିୟ ସହଯୋଗରେ ଏହି ପ୍ରତିଯୋଗିତା ପୁନଃ ଆରମ୍ଭ କରାଯାଇ ବିଦ୍ୟାଳୟସ୍ତରରୁ ଖେଳାଳି ସୃଷ୍ଟି ପାଇଁ ଟାଉନ୍ କ୍ଲବ ପକ୍ଷରୁ ପ୍ରୟାସ କରାଯାଉଛି। ଜିଲାର ୮ଗୋଟି ବ୍ଲକର ଦଳ ତଥା ୪ଟି ଘରୋଇ ଉଚ୍ଚ ବିଦ୍ୟାଳୟକୁ ମିଶାଇ ୧୨ଗୋଟି ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। ଅଗଷ୍ଟ ୧୫ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଚାମ୍ପିୟନ ଦଳକୁ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମେମୋରିଆଲ୍ ଟ୍ରଫି ପ୍ରଦାନ କରାଯିବ। ଜାତୀୟ ତଥା ରାଜ୍ୟସ୍ତରୀୟ ଖେଳ ପରିଚାଳକମାନଙ୍କ ସକ୍ରିୟ ତତ୍ତ୍ୱାବଧାନ ଏବଂ ଟାଉନ କ୍ଲବ କାର୍ଯ୍ୟକର୍ତ୍ତା ପ୍ରଦୀପ୍ତ ତ୍ରିପାଠୀ, ଅଭିଜିତ ମିଶ୍ର, ଶିବସାଇ ମହାପାତ୍ର, ସଞ୍ଜୀବ ତ୍ରିପାଠୀ, ଶୁଭ୍ରାଂଶୁ ଦଳେଇ, ଅସିମ କୁମାର ଦାସ, ରାମକୃଷ୍ଣ ବେହେରା, ଦେବକାନ୍ତ ମିଶ୍ର ଏବଂ ସମସ୍ତ ସଭ୍ୟଙ୍କ ସହଯୋଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ଅବସରରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକଙ୍କ ବ୍ୟତୀତ ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି। ରବିବାର ଉଦ୍‌ଘାଟନୀ ମ୍ୟାଚ୍ ସଦର ବ୍ଲକ ଏବଂ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ସଦର ବ୍ଲକ ୧-୦ ଗୋଲ୍‌ରେ ବିଜୟଲାଭ କରିଥିଲା।

**କାନ୍ଥ ଭୁଶୁଡ଼ି ୬ ମେଣ୍ଢା ମୃତ**

ଆଠମଲ୍ଲିକ,(ଉଦୀପ୍ତ ପୁରୋହିତ): ଲଗାଣ ବର୍ଷା ଯୋଗୁ ଆଠମଲ୍ଲିକ ସହର ୧୧ ନମ୍ବର ୱାର୍ଡ ବରଗାଁ ଗ୍ରାମର ଅର୍ଜୁନ ପ୍ରଧାନଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଛି। ଫଳରେ ଉକ୍ତ ଘରେ ଥିବା ୬ଟି ମେଣ୍ଢାଙ୍କ ମୃତ୍ୟୁ ହୋଇଛି। ଖବରପାଇ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ଅତିରିକ୍ତ ତହସିଲଦାର ବିଭୂତି ଭୂଷଣ ମଲ୍ଲିକ କହିଛନ୍ତି, ସରକାରଙ୍କ ନିୟମ ଅନୁଯାୟୀ ମେଣ୍ଢା ଚାଷୀଙ୍କୁ ସାହାଯ୍ୟ କରାଯିବ।

# ଅଧେ ଶ୍ରେଣୀଗୃହରେ, ଅଧେ ବାରଣ୍ଡାରେ

- ଗୋଟିଏ କୋଠରିରେ ଚାଲିଛି ହାତୀଗଞ୍ଜ ପ୍ରାଥମିକ ବିଦ୍ୟାଳୟ
- ଜିଲାପାଳଙ୍କ ଠାରେ ଅଭିଯୋଗ କଲେ ଗ୍ରାମବାସୀ, ପରିଚାଳନା କମିଟି

**ବଇଣ୍ଡା,୨୮।୭(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କନ୍ତପଡ଼ା ପଞ୍ଚାୟତରେ ଥିବା ହାତୀଗଞ୍ଜ ପ୍ରାଥମିକ ବିଦ୍ୟାଳୟରେ ନାହିଁ ଉପଯୁକ୍ତ ଭିତ୍ତିଭୂମି। ବିଶେଷକରି ଆବଶ୍ୟକ ଶ୍ରେଣୀଗୃହ ଅଭାବରୁ ଏଠାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି କୁନି କୁନି ଛାତ୍ରୀଛାତ୍ରଙ୍କୁ। ୫ଟି ଶ୍ରେଣୀ ମଧ୍ୟରୁ ୩ଟି ଶ୍ରେଣୀର ପିଲା ମାତ୍ର ଗୋଟିଏ କୋଠରିରେ ପଢୁଥିବା ବେଳେ ବାକି ୨ ଶ୍ରେଣୀର ଛାତ୍ରୀଛାତ୍ର ବସୁଛନ୍ତି ବାରଣ୍ଡାରେ। ତେବେ ସାମାନ୍ୟ ବର୍ଷା ହେଲେ ବାରଣ୍ଡାରେ ମଧ ହୋଇପାରୁନି ପାଠପଢ଼ା। ଦୀର୍ଘଦିନ ହେଲା ଏପରି ଅବ୍ୟବସ୍ଥା ମଧ୍ୟରେ ବିଦ୍ୟାଳୟ ଚାଲିଥିଲେ ବି ଶିକ୍ଷା ବିଭାଗ ପକ୍ଷରୁ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଶନିବାର ଅନୁଗୋଳ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।

କମିଟି ପକ୍ଷରୁ କୁହାଯାଇଛି, ୧୯୬୫ ମସିହାରେ ହାତୀଗଞ୍ଜ ଗ୍ରାମରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଗଞ୍ଜଡ଼ା, ହାତୀଗଞ୍ଜ, କଦଳୀବେରେଣୀ ଆଦି ୩ଟି ଗ୍ରାମର ପିଲା ଏଠାରେ ପଢୁଛନ୍ତି। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ୩୦ ଛାତ୍ରୀଛାତ୍ର ଅଛନ୍ତି। ହେଲେ ଏମାନଙ୍କ ପାଇଁ ଆବଶ୍ୟକ ଶ୍ରେଣୀଗୃହ ନାହିଁ। ପୂର୍ବରୁ ଥିବା ଗୋଟିଏ ଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବା ଯୋଗୁ ଉକ୍ତ ଗୃହକୁ ମରାମତି କରିବା ପାଇଁ ଆଜବେଷ୍ଟସ ଖୋଲାଯାଇଥିଲେ ମଧ ମରାମତି କରାଯାଉ ନାହିଁ। ଫଳରେ ଗୋଟିଏ କୋଠରିରେ ୩ଟି ଶ୍ରେଣୀ ପିଲା ପଢୁଥିବା ବେଳେ ଅନ୍ୟ ୨ଟି ଶ୍ରେଣୀର ପିଲା ବସୁଛନ୍ତି ବାରଣ୍ଡାରେ। କିନ୍ତୁ ବର୍ଷା ସମୟରେ ସମସ୍ତ ୫ଟି ଶ୍ରେଣୀ ଗୋଟିଏ କୋଠରିରେ ଚାଲୁଛି। ସେହିପରି ୨ ଜଣ ଶିକ୍ଷକ ଥିବାବେଳେ ଅଧିକ ଶିକ୍ଷକ ନିଯୁକ୍ତି ଦିଆଯାଉ ନାହିଁ। ପାଚେରି, ଖେଳପଡ଼ିଆ ନ ଥିବାବେଳେ ରୋଷେଇ ଘର ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଶୁଦ୍ଧ ପିଇବା ପାଣିର କୌଣସି ବ୍ୟବସ୍ଥା ନାହିଁ। ସମସ୍ୟା ସମାଧାନ ପାଇଁ ଶିକ୍ଷା କମିଟି ଓ ଗ୍ରାମବାସୀ ୧୨ ଜାନୁଆରୀ ୨୦୧୮, ୮ ଅଗଷ୍ଟ ୨୦୨୧, ୧ ମାର୍ଚ୍ଚ ୨୦୨୩ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ଆଠମଲ୍ଲିକ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଖୁଣ୍ଟି କହିଛନ୍ତି, ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।


ଗୋଟିଏ କୋଠରି ଯୋଗୁ ଅଧେ ପିଲା ବାରଣ୍ଡାରେ ପଢୁଛନ୍ତି।

# ପହଞ୍ଚିଲା ଗୋଟିଏ ଟ୍ରକ୍ ଆଳୁ, କମିଲାନି ଦର

**ବଇଣ୍ଡା,୨୮।୭ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ ବଇଣ୍ଡାରେ ହ୍ରାସ ପାଉନି ଆଳୁ ଦର। ଇତିମଧ୍ୟରେ ଗୋଟିଏ ଟ୍ରକ୍ ଆଳୁ ଆସିଥିଲେ ମଧ କିଲୋ ପିଛା ଦର ୫୦ ଟଙ୍କାରୁ କମ୍ ହେଉ ନ ଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରବିବାର ଗୋଟିଏ ଟ୍ରିପ୍ ଜଣେ ଆଳୁ ଗୋଦାମ ବ୍ୟବସାୟୀଙ୍କ ପାଖକୁ ଆସିଥିଲା। ଖବରପାଇ ବଇଣ୍ଡାର ବିଭିନ୍ନ ପରିବା ବ୍ୟବସାୟୀ ଆଳୁ ନେଇଥିଲେ। ହେଲେ ଖୋଲାବଜାର ଓ ସାପ୍ତାହିକ ହାଟରେ ଆଳୁ ୫୦ ଟଙ୍କା ଲେଖାଏ ବିକ୍ରି କରାଯାଇଥିଲା। ଫଳରେ ଖାଉଟିମାନେ କିଣିବାକୁ ଅମଙ୍ଗ ହୋଇଥିବା ବେଳେ କିଛି ଖାଉଟି ୫ କେଜି ନେବା ପରିବର୍ତ୍ତେ ୨ କେଜି ଲେଖାଏ କିଣି ନେଇଥିଲେ। କେତେଜଣ ଅସାଧୁ ବ୍ୟବସାୟୀ ଚଢ଼ା ଦରରେ ଆଳୁ ବିକ୍ରି କରୁଥିବା ବେଳେ ଏଥିପ୍ରତି ଲଗାମ ଲଗାଇବା ପାଇଁ ସାଧାରଣରେ ଦାବି ହୋଇଛି।

# ରାସ୍ତା ମରାମତି ହେଉନି, ଜିଲାପାଳଙ୍କୁ ଅଭିଯୋଗ

**ବଇଣ୍ଡା,୨୮।୭ (ପରିକ୍ଷିତ ସାହୁ)**



କିଶୋରନଗର ବ୍ଲକ ଗାଁବଇଣ୍ଡା ପଞ୍ଚାୟତର ଶାଳବଣିସାହି ଠାରୁ ଭାୟା ବଡ଼ହୁଲା ଦେଇ ଯାଇଥିବା ପାର୍ବତୀପୁର ୫ କି.ମି. ରାସ୍ତା ଶୋଚନୀୟ ହୋଇପଡିଛି। ବାରମ୍ବାର ଅଭିଯୋଗ ପରେ ମଧ ମରାମତି ନେଇ ପଦକ୍ଷେପ ନିଆ ନ ଯିବାରୁ ପାର୍ବତୀପୁର ଗ୍ରାମବାସୀ ଶନିବାର ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଦର୍ଶାଇଛନ୍ତି, ଏହି ରାସ୍ତା ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଶାଳବଣିସାହିରୁ ଭାୟା ବଡ଼ହୁଲା ଦେଇ ପାର୍ବତୀପୁର ପର୍ଯ୍ୟନ୍ତ ନିର୍ମାଣ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୦୫ ମସିହାରେ ପ୍ରଧାନମନ୍ତ୍ରୀ ପକ୍କା ସଡ଼କ ଯୋଜନାରେ ଏହାକୁ ପିଚୁ କରାଯାଇଥିଲା। ୨୦୧୯ରେ ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ନିଜ ଅକ୍ତିଆରକୁ ନେଇଥିଲା। ହେଲେ ଦୀର୍ଘ ୬ ବର୍ଷ ବିତିଯାଇଥିଲେ ମଧ ନୂତନ ଭାବରେ ରାସ୍ତା ନିର୍ମାଣ କରାଯାଉନାହିଁ। ଏହି ରାସ୍ତା ଉପରେ ଶାଳବଣିସାହି, ଧୂଣ୍ଡୀ, ବଡ଼ହୁଲା, ଦାଦରସାହି, ସାନଗୋବିନ୍ଦପୁର, ଝରିପାଣି, ପାର୍ବତୀପୁର ଆଦି ଅଞ୍ଚଳବାସୀ ନିର୍ଭର କରୁଛନ୍ତି। କିନ୍ତୁ ରାସ୍ତାର ଅନେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ହୋଇଥିବା ବେଳେ ଯାତାୟାତ ପାଇଁ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ଏପରିକି ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି। ଅନେକ ସମୟରେ ଏହି ରାସ୍ତା ଦେଇ ଯାଉଥିବା ବାଇକ୍ ଆରୋହୀମାନେ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ନୂତନ ରାସ୍ତା ନିର୍ମାଣ ପାଇଁ ବହୁବାର ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗ କରାଗଲେ ମଧ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏହି ରାସ୍ତାକୁ ନୂତନ ଭାବରେ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ

**ମାଧପୁର,୨୮।୭(ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ନିଗମାନନ୍ଦ କଳତା ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ଆଚାର୍ଯ୍ୟ ଶ୍ରୀମାନ ଆକାଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ମାତୃମଣ୍ଡଳୀଙ୍କୁ ଉପଯୁକ୍ତ ଢଙ୍ଗରେ ଶିଶୁଙ୍କୁ ଗଢ଼ି ତୋଳିବାକୁ ହେଲେ ଉପଯୁକ୍ତ ପରିବେଶ ହିଁ ମୁଖ୍ୟ ଭୂମିକା ଗ୍ରହଣ କରେ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ପରିଚାଳନା କମିଟି ସମ୍ପାଦକ ଅଂଶୁମାନ ଦେହୁରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା ସୁଶ୍ରୀ ସୁଦେଷ୍ଣା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥଲେ।



# ବ୍ଲକସ୍ତରୀୟ ବିଜେଡି ସମୀକ୍ଷା ବୈଠକ


ସମୀକ୍ଷା ବୈଠକରେ ଉପସ୍ଥିତ ବିଜେଡି ନେତାମାନେ।

**କଣିହାଁ. ୨୮।୭ (ସଚ୍ଚିଦାନନ୍ଦ ପ୍ରଧାନ)**

ପାଲଲହଡା ବିଧାନସଭା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ କଣିହାଁ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ନିର୍ବାଚନ ୨୦୨୪ରେ ପାଲଲହଡ଼ାରେ ବିଜୁ ଜନତା ଦଳର ବିପର୍ଯ୍ୟୟ ପରେ ଦଳ ପକ୍ଷରୁ ଏହା ପ୍ରଥମ ବୈଠକ। ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏହି ବୈଠକରେ ପୂର୍ବତନ ବିଧାୟକ ତଥା ବିଜେଡି ନେତା ମୁକେଶ କୁମାର ପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ବାଚନରେ ହାରିବା ଜିତିବା ଏକ ପ୍ରକ୍ରିୟା। ପରାଜୟ ବରଣ କରିଥିଲେ ବି ନିରାଶ ନ ହୋଇ ସାଧାରଣ ଲୋକଙ୍କ ସହ ରହି ସେମାନଙ୍କୁ ପୂର୍ବଭଳି ସହଯୋଗ କରିବା, ଲୋକଙ୍କ ସେବାକୁ ବଜାୟ ରଖିବା, ମୁଖିଆ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମୀକ୍ଷା ବୈଠକରେ କଣିହାଁ ବ୍ଲକର ୧୯ଟି ପଞ୍ଚାୟତର ବିଜେଡି ସଭାପତି, ସରପଞ୍ଚ, ସମିତି ସଭ୍ୟ, ସକ୍ରିୟ ସଭ୍ୟ ଯୋଗ ଦେଇଥିଲେ। କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, କଣିହାଁ ବ୍ଲକ ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ପାଲଲହଡା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁବାସ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ରୋଗୀ ସହାୟକ ବିଶ୍ରାମ ଗୃହର ଭିତ୍ତିପ୍ରସ୍ତର

**କାମାକ୍ଷାନଗର, ୨୮।୭(ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ରବିବାର ୩୦ ଶଯ୍ୟା ବିଶିଷ୍ଟ ଏକ ରୋଗୀ ସହାୟକ ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଅତିଥିଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉପଖଣ୍ଡ ଡାକ୍ତରଖାନାର ଆବଶ୍ୟକ ଡାକ୍ତର ପଦବୀ ସହ ନୂତନ ଡାଇରିଆ ୱାର୍ଡ ଓ ଭିତ୍ତିଭୂମି ନିର୍ମାଣ କରାଯିବ ବୋଲି ବିଧାୟକ ଦ୍ୱୟ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦିଗମ୍ବର ସାହୁ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ମଲ୍ଲିକ, ପ୍ରଦୀପ୍ତ ଦଳେଇ, କୁନାରାମ ମହନ୍ତଙ୍କ ସମେତ ଅନ୍ୟାନ୍ୟ ଦଳୀୟ କର୍ମୀ ଉପସ୍ଥିତ ଥିଲେ।


ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

# କୂଅରୁ ଷଣ୍ଢ ଉଦ୍ଧାର କଲା ଅଗ୍ନିଶମ ବାହିନୀ



**ଛେଣ୍ଡିପଦା,୨୮।୭ (ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ କଣଲୋଇ ଗ୍ରାମ ରୁଗୁଡିପସାହିର ଏକ ସରକାରୀ କୂଅରେ ରବିବାର ଖସିପଡ଼ିଥିବା ଏକ ଷଣ୍ଢକୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ୨ ଷଣ୍ଢ ମଧ୍ୟରେ ଲଢ଼େଇ ବେଳେ ଗୋଟିଏ ଷଣ୍ଢ ଏହି ଖୋଲାକୂଅରେ ପଡିଯାଇଥିଲା। ଗ୍ରାମବାସୀ ଏହା ଦେଖି ଉଦ୍ଧାର ପାଇଁ ଉଦ୍ୟମ କରି ବିଫଳ ହେବା ପରେ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର କାର୍ଯ୍ୟ କରିଥିଲେ। ଷଣ୍ଢଟି ସୁସ୍ଥ ଥିବା ଜଣାପଡିଛି।

# ମୋଟର ସାଇକେଲ ଚୋରି

**ଛେଣ୍ଡିପଦା,୨୮।୭ (ଅଜିତ ଧଳ)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଏକ ଘରୋଇ କମ୍ପାନୀ ଗେଟ ସମ୍ମୁଖରୁ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବଡ଼କେରଜାଙ୍ଗ ଗ୍ରାମର ବିଶ୍ୱଭୂଷଣ ସାହୁ ବାଇକ୍ ରଖି କମ୍ପାନୀ ଭିତରକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ବାଇକ୍‌କୁ ଚୋରାଇ ନେଇଥିଲେ। ସେହିପରି ଜରସିଂହ ଗ୍ରାମର ସୁଶୀଲ ସ୍ୱାଇଁଙ୍କ ମୋଟରସାଇକେଲ ଚୋରି ହୋଇଥିବା ଲିଖିତ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ନଂ. ୨୩୧/୨୪ ଓ ୨୩୨/୨୪ରେ ୨ଟି ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# କେନ୍ଦ୍ର ଖଣି ରାଷ୍ଟ୍ର ମନ୍ତ୍ରୀଙ୍କୁ ସ୍ମାରକପତ୍ର

**ନାଲ୍‌କୋ,୨୮।୭ (ଲୁସି ରାଉତ)**

ଅନୁଗୋଳ ଜିଲା ନାଲ୍‌କୋର ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ର ସିପିପି ପ୍ଲାଣ୍ଟର ସମ୍ପ୍ରସାରଣ ଓ ୪୪ ବର୍ଷ ପୁରୁଣା ପ୍ଲାଣ୍ଟର ନବୀକରଣ ପାଇଁ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ପକ୍ଷରୁ କେନ୍ଦ୍ର ଖଣି ଓ କୋଇଲା ରାଷ୍ଟ୍ରମନ୍ତ୍ରୀ ସତୀଶ ଦୁବେଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଶନିବାର କେନ୍ଦ୍ରମନ୍ତ୍ରୀ ଦିନିକିଆ ଅନୁଗୋଳ ଗସ୍ତରେ ଆସି ନାଲ୍‌କୋର ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ସାଧାରଣ ସମ୍ପାଦକ ବିଭବ ଜେନାଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏମ୍‌ସିଏଲ୍ ନାଲ୍‌କୋକୁ ନୀରବଚ୍ଛିନ୍ନ କୋଇଲା ଯୋଗାଣ ଓ ରେଲୱେ ରେକ ପ୍ରଦାନ, ଟ୍ରକ୍ ପରିବହନ ପରିବର୍ତ୍ତେ ଏମ୍‌ଜିଆର୍ ଟ୍ରେନ ମାଧ୍ୟମରେ କୋଇଲା ଯୋଗାଣ କରିବା ଏବଂ ନାଲ୍‌କୋ ଜଳ ସମସ୍ୟା ଦୂର କରିବା ପାଇଁ ବ୍ରାହ୍ମଣୀ ନଦୀରେ ନାଲ୍‌କୋ ଇଣ୍ଟେକ ପମ୍ପ ହାଉସ ପାଖରେ ନଦୀ ବନ୍ଧ ନିର୍ମାଣ କରିବା, ମାନବସମ୍ବଳର ଅଭାବ ପୂରଣ ପାଇଁ ତୁରନ୍ତ କର୍ମଚାରୀ ନିଯୁକ୍ତି ପାଇଁ ଦାବି କରାଯାଇଥିଲା। ସଙ୍ଗଠନର କାର୍ଯ୍ୟକାରୀ ସଭାପତି ହେମନ୍ତ ପ୍ରଧାନ, ଅଶୋକ ବେହେରା, ଶୁଭ୍ରାଂଶୁ ବେହେରା, ନିରଞ୍ଜନ ଦେହୁରୀ, ଜିତେନ୍ଦ୍ର ଅଲୁକ, ଆର୍ତ୍ତତ୍ରାଣ ସାମଲ, ପ୍ରଣବ ଜେନା, ସରୋଜ ବେହେରା, ଟିକନ ଦେହୁରୀ, ରବୀନ୍ଦ୍ର ସିଂ, ପଙ୍କଜ ମହାରଣା, ଦୀପକ ସନ୍ତ୍ରା ଓ ଗତିକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଦୁର୍ଘଟଣାରେ ଶ୍ରମିକ ଗୁରୁତର

**ବଣ୍ଡଁରପାଳ,୨୮।୭ (ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ବେକ ଓଭନ-୧(ରି ଫ୍ୟାକ୍ଟି) ବିଭାଗରେ କାର୍ଯ୍ୟରତ ଜଣେ ଶ୍ରମିକ ଶୁକ୍ର ବେହେରା(୫୧) ଗୁରୁତର ହୋଇଛନ୍ତି। ମଧ୍ୟାହ୍ନ ୩ ଘଟିକାରେ ରି ଫ୍ୟାକ୍ଟି ସ୍ମେଲଟର ପ୍ଲାଣ୍ଟ ବେକ ଓଭନ-୧ରେ ଆନୋଡ ଢାଳିବା ପରେ ସେ ତଳକୁ ପଡ଼ି ଯାଇଥିଲେ। ତାଙ୍କ ଗୋଡ଼ ଭାଙ୍ଗି ଯାଇଛି। ତାଙ୍କୁ ପ୍ରଥମେ ନାଲ୍‌କୋ ଡାକ୍ତରଖାନା ଓ ପରେ ବଳରାମ ପ୍ରସାଦ ଠାରେ ଥିବା ଇଏସଆଇ ଡାକ୍ତରଖାନାକୁ ପଠାଯାଇଥିଲା। ହେଲେ ଉକ୍ତ ଡାକ୍ତରଖାନାରେ ବିଭାଗୀୟ ଡାକ୍ତର ଅନୁପସ୍ଥିତ ଥିବାରୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ନାଲ୍‌କୋ ସୁରକ୍ଷା ବିଭାଗର ଅବହେଳା ଯୋଗୁ ଏହି ଦୁର୍ଘଟଣା ଘଟିଛି ବୋଲି ଶ୍ରମିକମାନଙ୍କ ମଧ୍ୟରେ ଅଭିଯୋଗ ହେଉଛି।

# ଏମ୍‌ସିଏଲ୍ ଅଧିକାରୀଙ୍କୁ ଆକ୍ରମଣ ଘଟଣାର ନିନ୍ଦା

**ନାଲ୍‌କୋ,୨୮।୭(ଲୁସି ରାଉତ)/ ବଣ୍ଡଁରପାଳ (ସୁବାସ ସାହୁ)**

ଏମ୍‌ସିଏଲ୍‌ର ଭରତପୁର କୋଇଲାଖଣିର ୨ ବରିଷ୍ଠ ଅଧିକାରୀଙ୍କୁ ଆକ୍ରମଣ ଏବଂ ଲଖନପୁର କୋଇଲାଖଣିର କାର୍ଯ୍ୟରତ ମହାପ୍ରବନ୍ଧକ ସଞ୍ଜୟ ଝାଙ୍କୁ ମାରପିଟି, ଦୁର୍ବ୍ୟବହାର କରାଯିବା ଘଟଣାକୁ ନାଲ୍‌କୋ ଅଫିସର ସଂଘ ଦୃଢ଼ ନିନ୍ଦା କରିଛି। ଏଥିସହ ନ୍ୟାଶନାଲ କନ୍‌ଫିଡେରେଶନ ଅଫ୍ ଅଫିସର ଆସୋସିଏଶନର ଉପାଧ୍ୟକ୍ଷ ବନମାଳୀ ସେଠୀ ଏହାକୁ ଦୃଢ଼ ନିନ୍ଦା କରିଛନ୍ତି। ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ହିଂସା ସୃଷ୍ଟି କରିବା ଆଦୌ ଗ୍ରହଣୀୟ ନୁହେଁ। ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଧିକାରୀମାନଙ୍କୁ ନିରାପତ୍ତା ଏବଂ ସୁରକ୍ଷା ଯୋଗାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ପରିବେଶ ଉପଯୋଗୀ ଅଭ୍ୟାସ ଆପଣେଇବାକୁ ଆହ୍ୱାନ

**ଅନୁଗୋଳ,୨୮।୭(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲାର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ଚମ୍ପତିମୁଣ୍ଡାସ୍ଥିତ ପୋଷ୍ଟ ବେସିକ ସ୍କୁଲଠାରେ ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରତିକାର ଦିଗରେ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଆରତି ଗଡ଼ନାୟକ, ଅନୁଷ୍ଠାନର ସୁବ୍ରତ କୁମାର ପ୍ରଧାନ, ସହକାରୀ ଶିକ୍ଷକ ବାବୁଲା ସାହୁ, ଚିତ୍ତରଞ୍ଜନ ପଣ୍ଡା, ବିଜୟ କୁମାର ସାହୁ, ପ୍ରଦ୍ୟୁମ୍ନ କିଶୋର ବେହେରା ଏବଂ ନିଶି ବେହେରା ପ୍ରମୁଖ ଜଳବାୟୁ ପରିବର୍ତ୍ତନ କ'ଣ, ଏହାର କାରଣ, ପ୍ରଭାବ ଓ ପ୍ରତିକାର ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଜଳବାୟୁ ପରିବର୍ତ୍ତନ ରୋକିବାକୁ ପରିବେଶ ଉପଯୋଗୀ ଅଭ୍ୟାସ ଆପଣେଇବାକୁ ଆହ୍ୱାନ ଦେଇଥିଲେ। ଘରେ ଶକ୍ତି ସଂରକ୍ଷଣ, ଖାଦ୍ୟ ନଷ୍ଟକୁ ସମ୍ପୂର୍ଣ୍ଣ ଏଡାଇବା ଅଭ୍ୟାସ, କଞ୍ଚା ପନିପରିବା ଓ ପ୍ରକୃତିରୁ ସିଧାସଳଖ ମିଳୁଥିବା ଖାଦ୍ୟକୁ ପ୍ରାଧାନ୍ୟ, ଏକକ ପ୍ଲାଷ୍ଟିକ ବର୍ଜନ, କପଡା ବ୍ୟାଗ ବ୍ୟବହାର, ପୋଷାକପତ୍ର, ଜୋତା, ଚପଲ ସହ ସମସ୍ତ ନିତ୍ୟ ବ୍ୟବହାର ଜିନିଷକୁ ଶେଷ ସମୟ ପର୍ଯ୍ୟନ୍ତ ବ୍ୟବହାର ଏବଂ ଚାରା ରୋପଣ ଓ ପୋଷଣ ଅଭ୍ୟାସକୁ ଉତ୍ସାହର ସହ ଆପଣେଇବାକୁ ଛାତ୍ରଛାତ୍ରୀମାନେ ଆଗ୍ରହ ପ୍ରକାଶ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଲେଖାଏ ସଜନା ଚାରା ବଣ୍ଟନ କରାଯାଇଥିଲା।


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ଓ ଛାତ୍ରୀଛାତ୍ରମାନେ।

# ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ

**ବଇଣ୍ଡା,୨୮।୭ (ପରିକ୍ଷିତ ସାହୁ)**

କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସ 'ଶିକ୍ଷଣ ସାମଗ୍ରୀ ଦିବସ'କୁ ଶିକ୍ଷୟିତ୍ରୀ ପଙ୍କଜିନୀ ସାହୁ ଓ ମଞ୍ଜୁ କୁଅଁର ପରିଚାଳନା କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଦ୍ୱିତୀୟ ଦିବସ 'ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦିବସ' ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର ଓ ହେମା ଦେଈ ପରିଚାଳନା କରିଥିଲେ। ତୃତୀୟ ଦିବସ 'କ୍ରୀଡ଼ା ଦିବସ'କୁ କ୍ରୀଡ଼ା ଶିକ୍ଷକ ସୁନୀଲ ଦଳାଇ ଓ ମୃତ୍ୟୁଞ୍ଜୟ ଦୀପ ପରିଚାଳନା କରିଥିଲେ। ଚତୁର୍ଥ ଦିବସରେ ' ସାଂସ୍କୃତିକ ଦିବସ ' ଆୟୋଜିତ ହୋଇଥିଲା। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ଓ ଭୈରବ କୁମାର ଦେହୁରୀ ଏହାକୁ ପରିଚାଳନା କରିଥିଲେ। ପଞ୍ଚମ ଦିବସରେ 'ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ' ଅନୁଷ୍ଠିତ ହୋଇଥିଲା। ସୁଶାନ୍ତ କୁମାର ପ୍ରଧାନ ପ୍ରଶିକ୍ଷକ ଭାବରେ ଯୋଗଦେଇ ଡିଜିଟାଲ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଷଷ୍ଠ ଦିବସରେ 'ଇକୋ କ୍ଲବ ଓ ସ୍କୁଲ ପୋଷଣ ଦିବସ' ପାଳିତ ହୋଇଥିଲା। ଇକୋ କ୍ଲବ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଓ ଚିନ୍ମୟ ଧରୁଆ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ କୁମାର ସାହୁ, ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷାର ମନୋଜ କୁମାର ସ୍ୱାଇଁ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଦାମ ଚରଣ ପ୍ରଧାନଙ୍କ ସହିତ ଅଭିଭାବକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।


ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅତିଥି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ରୀମାନେ।

